● ସାହିତ୍ୟ ଅକାଦେମିର ଲେଖକଙ୍କ ସହିତ କାର୍ଯ୍ୟକ୍ରମ

# ସାହିତ୍ୟ ମୋ କଳ୍ପନା ବିଳାସ ନୁହେଁ

■ ଭୁବନେଶ୍ୱର, ତା ୨୭।୧୧(ପିଏନଏସ) ସାହିତ୍ୟ ମୋ ପାଇଁ ମନୋରଂଜନର ମାଧ୍ୟମ କିମ୍ବା କଳ୍ପନା ବିଳାସ ନୁହେଁ। ଏହା ସାମାଜିକ ବ୍ୟବସ୍ଥା କାର୍ଯ୍ୟରେ ମୋର ହସ୍ତକ୍ଷେପ। ମୁଁ ଚିରଦିନ ମଣିଷ ସପକ୍ଷରେ, ଶ୍ରଦ୍ଧା ସହାନୁଭୂତି ଓ କରୁଣାର ପକ୍ଷରେ। ଆମେ ସମସ୍ତେ ଗୋଟେ ଗୋଟେ ଛୋଟ ଗପ।ଅସମ୍ପୂର୍ଣ୍ଣ ଗପ।ଆମ ସମସ୍ତଙ୍କର ମନ ହଜାରେ ସୃଷ୍ଟିର ସମଷ୍ଟି, ପୁଣି ହଜାରେ ସବୁଜିମାର ସମ୍ଭାବନା। ତା ଭିତରେ ଅଧାକୁହା କଥା,ଅଧାବୋହା ଗ୍ଲାନି, ଅଧା ସ୍ୱପ୍ନ, ଅଧା କଳ୍ପନା, ମୋ ସାହିତ୍ୟ ବା ମୋର ଶବ୍ଦଯାତ୍ରା ମଧ୍ୟ ସେହିପରି ଅଧା ଓ ଅସମ୍ପୂର୍ଣ୍ଣ ଏକ ଗପ। କେନ୍ଦ୍ର ସାହିତ୍ୟ ଅକାଦେମିର ଲେଖକଙ୍କ ସହିତ କାର୍ଯ୍ୟକ୍ରମରେ ଯୋଗଦେଇ ବିଶିଷ୍ଟ କଥାକାର ଗୌରହରି ଦାସ ଏହା କହିଛନ୍ତି। ଭାରତୀୟ ବିଦ୍ୟାଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟା ନନ୍ଦ ସିଂହ ସଭାପତିତ୍ୱ କରିଥିଲେ। ଅକାଦେମୀର ସଚିବ ଡକ୍ଟର କେ ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ପ୍ରଦାନ




କରିଥିବାବେଳେ ବିମଳ ଜେନା ଅତିଥି ଆମନ୍ତ୍ରଣ କରିଥିଲେ। କଥାକାର ଗୌରହରି ଦାସ ନିଜ ଜୀବନ ଓ ସୃଜନ ସମ୍ପର୍କରେ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ କବି ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର, ପ୍ରତିଭା ଶତପଥୀ, ଅମରେଶ ଗଡ଼ନାୟକ, ଅଦ୍ୱିକନ୍ଦ ସାହୁ, ଅର୍ଚ୍ଚନା ନାୟକ ପ୍ରମୁଖ ବହୁ ବିଶିଷ୍ଟ ସାହିତ୍ୟିକମାନେ ଯୋଗ ଦେଇଥିଲେ। ଶେଷରେ ବିଜୟ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।